# Akashvani, Sambalpur

## SAMBALPURI NEWS BULLETIN

### 12 October 2025 – 6.47- 6.52 am.

**********************************************

ଦାଏଲ୍ ମିଶନ୍ pib

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶେ ଦାଏଲ୍ କ୍ଷେତ୍ରଥି ଆତ୍ମନିର୍ଭର୍‌ତା ବଢ଼ାବାର୍ ଲାଗି ଗଲାକାଏଲ୍ ନୂଆଦିଲ୍ଲୀର୍ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ୍ -ଆଇ.ଏ.ଆର୍.ଆଇ. ନ ଗୁଟେ ଖାସ୍ କୃଷି କାର୍ଯ୍ୟକ୍ରମ୍‌ଥି 'ଦାଏଲ୍‌ଥି ଆତ୍ମନିର୍ଭରତା ମିଶନ୍'କେ ମୁଲ୍ କରିଛନ୍ । ଇଥିର୍‌ଲାଗି ୧୧ ହଜାର୍ କୋଟି ନୁ ଅଏତ୍‌କା ଟଙ୍କାର୍ ବଜେଟ ଆବଂଟନ୍ କରାଯାଇଛେ । ଇ ମିଶନ୍ ଜରିଏ ୨୦୩୦-୩୧ ତକ୍ ଘରୋଇ ଦାଏଲ୍ ଉତ୍ପାଦନ୍‌କେ ୩ ଶହ ୫୦ ଲାଖ୍ ଟନ୍ ତକ୍ ବଢ଼େଇକରି ଚାଷ୍ କ୍ଷେତ୍ରକେ ୩ ଶହ ୧୦ ହେକ୍ଟର୍ ତକ୍ ବିସ୍ତାର୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଚାଷୀମାନ୍‌କର୍ ଭିତ୍‌ରେ ମୋଟ୍ ୮୮ ଲାଖ୍ ମାହାଲିଆ ବିହନ୍ କିଟ୍ ଆଉ ଶହେ ୨୬ ଲାଖ୍ କ୍ୱିଂଟାଲ୍ ପ୍ରମାଣିତ୍ ବିହନ୍ ବଂଟାଯିବା ।

ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀ I&PR

ବାଚସ୍ପତି ସୁରମା ପାଢ଼ୀ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଆଉ ୯ ନମ୍ବର୍ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଲନୀଥି ଯୋଗ୍ ଦେବାର୍ ଲାଗି ବିଦେଶ୍ ଗସ୍ତଥି ଯାଇଥିବାର୍ ବେଲେ ବାର୍ବାଡୋସ୍ ର ବ୍ରିଜ୍ ଟାଉନ୍ ଠାନେ ରାଜ୍ୟଗୋଷ୍ଠୀ ଗୁଟେ ବୈଶ୍ୱିକ ସହଭାଗୀ, ଲିଙ୍ଗଗତ ସମାନତା ଲାଗି ପ୍ରଗତି, ଆହ୍ୱାନ୍ ଆଉ ମାର୍ଗ ଉପ୍‌ରେ ହେଇଥିବା ବିଷୟବସ୍ତୁ ଉପ୍‌ରେ ଭାଗ୍ ନେଇଛନ୍ । ଗଣତନ୍ତ୍ର ଖାଲି ରାଜନୈତିକ୍ ବ୍ୟବସ୍ଥା ନୁହେଁ ଇଟା ଆମର୍ ବିଶ୍ୱାସ୍, ଉତ୍ସାହ ଆଉ ଜୀବନ୍ ଧାରଣ୍‌ର ମାର୍ଗ ବଲି ଶ୍ରୀମତୀ ପାଢ଼ୀ କହିଛନ୍ । ବିଧାନ୍‌ସଭା ନ ଜନମତ ଠିକ୍ ଭାବେ ଉପସ୍ଥାପିତ୍ ହେଇପାର୍‌ଲେ ତାର୍ ଉପ୍‌ରେ ଆଲୋଚନା, ତର୍କ, ବିତର୍କ ଆଉ ବିଶ୍ଳେଷଣ୍ ହେଇକରି ଜନ ଉପକାରୀ ଆଇନ୍ ପ୍ରଣୟନ୍ ହେଇପାର୍‌ବା ଆଉ ଗଣତନ୍ତ୍ର ଲାଗି ସାଧାରଣ୍ ଲୁକ୍‌କର୍ ଆସ୍ଥା ବଢ଼୍‌ବା ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ପୋଲିଓ ଟୀକାକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତରଫୁ ଆଏଜ୍ ଭିନ୍ ଭିନ୍ ଜିଲ୍ଲା ନ ପୋଲିଓ ଦିବସ୍ ପାଲନ୍ ହେଇଛେ । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, କଲାହାଣ୍ଡି, ଝାର୍‌ସୁଗୁଡ଼ା, ବୌଦ୍ଧ ସହେତେ ୧୭ ଟା ଜିଲ୍ଲା ଆଉ ସବୁ ମହାନଗର୍ ନିଗମ୍ ଇଲାକା ନ ଇ ଦିବସ୍ ପାଲନ୍ କରାଯିବା । ଆଏଜ୍ ଇ ଇଲାକାମାନ୍‌କର୍ ଭିନ୍ ଭିନ୍ ବୁଥ୍ ନ ଛୁଆମାନ୍‌କୁ ପୋଲିଓ ବୁନ୍ଦା

ଖୁଆଯିବା । ୧୩ ତାରିଖ୍ ଆଉ ୧୪ ତାରିଖ୍ ଭିଲ୍ ଅଙ୍ଗନବାଡ଼ି କର୍ମୀମାନେ ଘର୍ ଘର୍ ବୁଲିକରି ଛୁଆମାନ୍‌କୁ ପୋଲିଓ ଖୁଆବାର୍ ସହେତେ ଟୀକା ଭିଲ୍ ଦେବେ ।

ଓଡ଼ିଶା କପା ସଂଘ ସଦସ୍ୟ-ଉପମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା କପା ସଂଘର ସଦସ୍ୟମାନେ ଗଲାକାଏଲ୍ କୃଷି ଭବନ୍ ନ ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଭେଟିଛନ୍ । ଇ ସମିଆଥି କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଭିଲ୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ କପା ଚାଷ୍ ଆଉ ବିପଣନ୍ ବେଲେ ଚାଷୀମାନେ ସମ୍ମୁଖୀନ୍ ହେଉଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ଆଉ ଅଲ୍‌ଗା ଅଧିକାରୀମାନ୍‌କୁ ଜନେଇଥିଲେ ।

ପଂଚାୟତିରାଜ୍ ମନ୍ତ୍ରୀ-ସମ୍ବଲପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚାୟତିରାଜ୍ ଆଉ ପାନୀୟଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ ଚିପିଲିମା ଇଲାକା ନ ତିଆର୍ ହଉଥିବା ଜଲ୍‌ଯୋଗାଣ ପ୍ରକଳ୍ପ କାମ୍‌ର ତଦାରଖ୍ କରିଛନ୍ । ଗ୍ରାମ୍ୟ ଜଳଯୋଗାଣ ବିଭାଗ୍ ତର୍‌ଫୁ ୨ କୋଟି ୯୫ ଲାଖ୍ ଟଙ୍କା ଖର୍ଚ୍ଚାଥି

ତିଆର୍ ହେବାର୍‌କେ ଥିବା ଇ ପ୍ରକଳ୍ପ କାମ୍ ଜଲ୍‌ଦି ସାର୍‌ବାର୍‌କେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଅନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ତପସ୍ୱିନୀ ପ୍ରେକ୍ଷାଳୟ ନ ଗଲାକାଏଲ୍ ଅନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ସବୁ ବ୍ଲକ୍‌ନୁ ଟୁକେଲ୍ ଛୁଆମାନେ ଭାଗ୍ ନେଇଥିଲେ । ଇ ଅବ୍‌ସରେ ଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇକରି ସେମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

କଲାହାଣ୍ଡି- ଦଶ୍‌ରା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କୋକ୍‌ସରା ବ୍ଲକ୍ ଆମ୍‌ପାଣି ଠାନେ ବୁଢ଼ାରଜା ଦେବଙ୍କର୍ ଦଶ୍‌ରା-୨୦୨୫ ପାଲିତ୍ ହଉଛେ । ରୀତିନୀତି ଅନ୍‌ସାରେ କାର୍ତ୍ତିକ୍ ମାସର୍ ପହେଲା ଶନିବାର୍ ଦିନ ବୁଢ଼ାରଜାଙ୍କର୍ ବାର୍ଷିକ୍ ଦଶ୍‌ରା ପାଲନ୍ କରାଯାଏସି । ଆଦିବାସୀ ପରମ୍ପରା ଅନ୍‌ସାରେ ଗୁଟେ ବଡ଼ ଲାଠିଯାତ୍ରା ପୂଜକଙ୍କର୍ ଘରୁ ଶୋଭାଯାତ୍ରାଥି ବାହାରିକରି ବୁଢ଼ାରଜା ମନ୍ଦିର୍‌କେ ଆସିଥିଲା । ଇତାକେ କଲାହାଣ୍ଡି ରାଜା ଅନନ୍ତ ପ୍ରତାପ୍ ଦେଓ ପୂଜାର୍ଚ୍ଚନା କରିକରି ମନ୍ଦିର୍‌କେ ପହଁଚିବାର୍ ଉତ୍‌ରୁ ଲାଠିକେ ସ୍ୱାଗତ୍

କରାଯାଇଥିଲା । ଶୋଭାଯାତ୍ରାଥି ଧର୍ମଗଡ୍ ବିଧାୟକ୍ ସୁଧୀର୍ ପାଟ୍ଟଯୋଷୀଙ୍କର୍ ସହେତେ ହଜାର୍ ହଜାର୍ ଭକ୍ତ ଶ୍ରଦ୍ଧାଳୁ ଆଉ ଭକ୍ତ ଯୋଗ୍ ଦେଇଥିଲେ ।

ତମାଖୁ ମୁକ୍ତ ଯୁବ ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ସାରାଦେଶେ ତମାଖୁ ମୁକ୍ତ ଶିକ୍ଷା ପରିବେଶ୍ ଗଢ୍‌ବାର୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ଶାରୀରିକ୍ ଆଉ ମାନସିକ୍ ସୁସ୍ଥତାକେ ନଜର୍‌ଥି ରଖିକରି ତମାଖୁ ମୁକ୍ତ ଯୁବ ଅଭିଯାନ୍‌ର ୩ ନମ୍ବର୍ ଖେପ୍ ମୁଲ୍ କରାଯାଇଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ଗୁଟେ ସୁସ୍ଥ, ସୁଚିନ୍ତିତ ଆଉ ସଶକ୍ତ ଯୁଆନ୍ ପିଢ଼ି ଉପ୍‌ରେ ଜୋର୍ ଦିଆଯାଉଛେ । ଶାରୀରିକ୍ ଆଉ ମାନସିକ୍ ଭାବେ ସୁସ୍ଥ ଆଉ ଭଲ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁଆନ୍ ପିଢ଼ି ଦେଶ୍‌କେ ଗୁଟେ ସମୃଦ୍ଧ ଭବିଷ୍ୟତ୍ ଆଡ଼୍‌କେ ନେବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଶିକ୍ଷା ଆର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟର୍ ମିଳିତ୍ ସହଯୋଗ୍‌ଥି ଗଲା ୯ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଅଭିଯାନ୍ ୬୦ ଦିନ୍‌ତକ୍ ଚାଲ୍‌ବା ।

ଏସିଆନ୍ ଗେମ୍ସ ନ କବାଡ଼ି ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮ ବଛରର୍‌ନୁ କମ୍ ମହିଲା ଜାତୀୟ କବାଡ଼ି ଦଲ୍‌ଥି ସମ୍ବଲ୍‌ପୁର୍‌ର ପ୍ରିୟଙ୍କା ପ୍ରଧାନ୍ ଠାନ୍ ପାଇଛନ୍ । ଇ ମାସ ୧୯ ନୁ ୩୧ ତାରିଖ୍‌ତକ୍ ବାହାରିନ୍ ଠାନେ ହେବାର୍‌କେ ଥିବା ଏସିଆନ୍ ଗେମ୍ସ ନ କବାଡ଼ିଥି ଭାରତୀୟ ମହିଲା ଦଲ୍‌କେ ସେ ପ୍ରତିନିଧିତ୍ୱ କର୍‌ବେ । ତାଙ୍କୁ ଇ ସଫଲତା ଲାଗି ଜିଲ୍ଲାପାଲ୍ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର୍ ଶୁଭେଛା ଜନାବାର୍ ସହେତେ ତାଙ୍କର୍ ସଫଲତା କାମ୍‌ନା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆର୍ ତାର୍ ପାଖର୍ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ୧୪ ଟା ଜିଲ୍ଲାନେ ବିଜ୍‌ଲି, ଘଡ଼୍‌ଘଡ଼ି ସଙ୍ଗେ ବର୍ଷା ହେବା ବଲି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।